# NATIONAL NEWS BULLETIN (ODIA)
## 7 December - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି : କହିଲେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ କହିଛନ୍ତି 'ଏକ ପେଡ୍ ମା' କେ ନାମ୍' ଅଭିଯାନ ଉପରେ ସମଗ୍ର ବିଶ୍ୱରେ ହେଉଛି ଆଲୋଚନା ।
- ୨୦୩୦ ସୁଦ୍ଧା ଦେଶର ବୈଦ୍ୟୁତିକ ଯାନ ଶିଳ୍ପ କ୍ଷେତ୍ରରେ ୪ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଲେ ସଡ଼କ ପରିବହନ ମନ୍ତ୍ରୀ ।
- ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ସଂସଦରେ ଆଗତ ମହାଭିଯୋଗ ପ୍ରସ୍ତାବ ଅଗ୍ରାହ୍ୟ ।

ଏବଂ

- ଆଡିଲେଡ୍ ଟେଷ୍ଟରେ ଆଜି ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୫ ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୧୨୮ ରନ୍ ।

# ରାଷ୍ଟ୍ରପତି – ମୟୂରଭଞ୍ଜ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଉତ୍ତର ଓଡ଼ିଶାରେ ତିନୋଟି ରେଳ ପ୍ରକଳ୍ପ ସମେତ ବିଭିନ୍ନ ଯୋଜନାର ଶିଳାନ୍ୟାସ କରିଛନ୍ତି। ଏହି ତିନୋଟି ରେଳ ପ୍ରକଳ୍ପ ହେଉଛି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ ଏବଂ ବାଦାମପାହାଡ଼-କେନ୍ଦୁଝର। ଏଥିପାଇଁ ୬ ହଜାର ୨୯୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ରେଳ ଯୋଗାଯୋଗ ଅର୍ଥନୀତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବା ସହ ସେହି ଅଞ୍ଚଳରେ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ବୋଲି ରାଷ୍ଟ୍ରପତି କହିଛନ୍ତି। ଦେଶରେ ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ଏହି ନୂଆ ରେଳପ୍ରକଳ୍ପଗୁଡ଼ିକ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ସ୍ୱପ୍ନ ବୋଲି ସେ କହିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ ସମ୍ପନ୍ନ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଶିଳ୍ପ ଏବଂ ପରିବହନ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାଦ୍ୱାରା ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର ପଛୁଆ ଅଞ୍ଚଳ ବିକାଶ ଅଧିକ ତ୍ୱରାନ୍ୱିତ ହୋଇପାରିବ। ଏହି ଅବସରରେ ରାଷ୍ଟ୍ରପତି ଆଦିବାସୀ

ଗବେଷଣା ଓ ବିକାଶ କେନ୍ଦ୍ର, ୧୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ଏବଂ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାରଠାରୁ ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ମୁର୍ମୁ ଆଜି ଅପରାହ୍ନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ବିହାର – ଧନକଡ଼

୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ଦିଗରେ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ଉପରାଷ୍ଟ୍ରପତି ଜଗଦୀପ୍ ଧନକଡ଼ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ବିହାରର ମୋତିହାରିଠାରେ ମହାତ୍ମାଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହକୁ ଆଜି ସମ୍ବୋଧନ କରି ଉପରାଷ୍ଟ୍ରପତି କହିଛନ୍ତି ଏହି ସ୍ୱପ୍ନ ହାସଲ ପାଇଁ ବ୍ୟକ୍ତିଗତ ଅବଦାନ ଗୁରୁତ୍ୱପୂର୍ଣ୍ଣ। ମୁଣ୍ଡପିଛା ଆୟର ପରିମାଣ ବର୍ତ୍ତମାନର ନିର୍ଦ୍ଧାରିତ ସୀମାଠାରୁ ୮ ଗୁଣା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ୧୪୦ କୋଟି ଭାରତୀୟ ମିଳିମିଶି କାର୍ଯ୍ୟ କଲେ ଉଲ୍ଲେଖନୀୟ ପରିବର୍ତ୍ତନ

ଆସିପାରିବ। ସମାରୋହରେ ଉପରାଷ୍ଟ୍ରପତି କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରିଛନ୍ତି।

## ବାପ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଉପରେ ସମଗ୍ର ବିଶ୍ୱରେ ଆଲୋଚନା ଚାଲିଛି। ଯୁବବର୍ଗଙ୍କୁ ନୂତନ ସୁଯୋଗ ଦେବା ଲକ୍ଷ୍ୟରେ ଆସନ୍ତା ଜାନୁୟାରୀ ମାସରେ ବିକଶିତ ଭାରତ ଯୁବନେତା ଆଲୋଚନାର ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଅହମ୍ମଦାବାଦରେ ଆୟୋଜିତ "ବ୍ୟାପ୍ସ କାର୍ଯ୍ୟକର୍ତ୍ତା ସୁବର୍ଣ୍ଣ ମହୋତ୍ସବ"କୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ସମୟରେ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାରେ ବ୍ୟାପ୍ସ ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଛନ୍ତି। ସେ କହିଛନ୍ତି କିଛିମାସ ତଳେ ଆବୁଧାବିରେ ଭଗବାନ ସ୍ୱାମୀ ନାରାୟଣସ୍ୱାମୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏଭଳି ପଦକ୍ଷେପ ମାଧ୍ୟମରେ ସମଗ୍ର ବିଶ୍ୱ ଭାରତର ସାଂସ୍କୃତିକ ବିବିଧତା ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ଦେଖିବାର ସୁଯୋଗ ପାଇଛି। ଭାରତର ସାଂସ୍କୃତିକ ଗୌରବ ଏବଂ ମାନବୀୟ ଉଦାରତା ବିଷୟରେ ବିଶ୍ୱ ଅବଗତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶ୍ୱବ୍ୟାପୀ ୩୦ଟି

ଦେଶର ୧ ଲକ୍ଷରୁ ଊର୍ଦ୍ଧ୍ୱ "ବୋଚାସନ୍ନ୍ୟାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା – ବାପ୍‌ସ" ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରୁଛନ୍ତି।

## ଗଡ଼କରୀ ଇଭି ଓ୍ୱାର୍କସପ୍

୨୦୩୦ ସୁଦ୍ଧା ଦେଶରେ ବୈଦ୍ୟୁତିକ ଯାନ ଶିଳ୍ପ କ୍ଷେତ୍ରରେ ୪ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ଅଗ୍ନିଶମ ସେବା ମହାବିଦ୍ୟାଳୟର ବୈଦ୍ୟୁତିକ ଯାନରେ ଅଗ୍ନି ଦୁର୍ଘଟଣା ପରିଚାଳନା ଶୀର୍ଷକ କର୍ମଶାଳାରେ ଉଦ୍‌ବୋଧନ ଦେଇ ଶ୍ରୀ ଗଡ଼କରୀ ଏହା କହିଛନ୍ତି। ବୈଦ୍ୟୁତିକ ଯାନରେ ବ୍ୟବହୃତ ଲିଥିୟମ୍-ଆୟନ୍ ବ୍ୟାଟେରୀର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଶ୍ରୀ ଗଡକରୀ କହିଛନ୍ତି ବିଶ୍ୱର ଲିଥିୟମ୍ ଭଣ୍ଡାରର ପ୍ରାୟ ୬ ପ୍ରତିଶତ ଜମ୍ମୁରେ ଉପଲବ୍ଧ। ଏହାକୁ ବ୍ୟବହାର କରି ୬୦ କୋଟି ବୈଦ୍ୟୁତିକ ଯାନ ପାଇଁ ଲିଥିୟମ୍-ଆୟନ୍ ବ୍ୟାଟେରୀ ପ୍ରସ୍ତୁତ କରାଯାଇପାରିବ। ଫଳରେ ବ୍ୟାଟେରୀର ମୂଲ୍ୟ ମଧ୍ୟ ହ୍ରାସ ପାଇବ ବୋଲି ଶ୍ରୀ ଗଡ଼କରୀ ଆଶାପ୍ରକାଶ କରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ଦୁଇଚକିଆ ବୈଦ୍ୟୁତିକ ଯାନରେ ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଗଡ଼କରୀ

କହିଛନ୍ତି ଡିଆର୍‌ଡିଓ ଏବଂ ଆଇଆଇଟିର ଏକ ବିଶେଷଜ୍ଞ କମିଟି ଏହା ଉପରେ ଗବେଷଣା କରିଛନ୍ତି। ବ୍ୟାଟେରୀ ନିରାପତ୍ତା ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ସହ ବୈଦ୍ୟୁତିକ ବସ୍‌ରେ ଅଗ୍ନି ଚିହ୍ନଟ ଶବ୍ଦସଂକେତ ଲଗାଇବାକୁ ସରକାର ବାଧ୍ୟତାମୂଳକ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଇଭି ବ୍ୟାଟେରୀ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ନିୟମ ଗତ ୨୦୨୨ ମସିହାରୁ ପ୍ରସ୍ତୁତ ହୋଇସାରିଛି। ବ୍ୟାଟେରୀ ନିର୍ମାତାଙ୍କ ପାଇଁ ଏ ସଂକ୍ରାନ୍ତ ନିୟମକୁ ବାଧ୍ୟତାମୂଳକ କରାଯାଇଛି ବୋଲି ସେ କହିଛନ୍ତି। ଦେଶରେ ପ୍ରାୟ ୩୦ ଲକ୍ଷ ବୈଦ୍ୟୁତିକ ଯାନ ପଞ୍ଜିକୃତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଗତବର୍ଷ ବୈଦ୍ୟୁତିକ ଯାନ କ୍ରୟ ୪୫ ପ୍ରତିଶତ ବୃଦ୍ଧି ପାଇଛି। ବୈଦ୍ୟୁତିକ ଯାନ କ୍ଷେତ୍ରରେ ୪୦୦ରୁ ଅଧିକ ଷ୍ଟାର୍ଟ-ଅପ୍ କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି।

## ଦକ୍ଷିଣ କୋରିଆ ରାଷ୍ଟ୍ରପତି

ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍-ସୁକ୍-ୟୁଲ୍‌ଙ୍କ ବିରୁଦ୍ଧରେ ସଂସଦରେ ଆଗତ ମହାଭିଯୋଗ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି। ବିରୋଧିଙ୍କ ପକ୍ଷରୁ ଆଗତ ଏହି ପ୍ରସ୍ତାବ ଉପରେ ରାଷ୍ଟ୍ରପତିଙ୍କୁ ସମର୍ଥନ କରୁଥିବା ଦଳ ଭୋଟ ବର୍ଜନ କରିଥିଲେ। ଏହି ପ୍ରସ୍ତାବ ପାଇଁ ସଂସଦର ଦୁଇ-

ତୃତୀୟାଂଶ ଅର୍ଥାତ୍ ୩୦୦ ସଦସ୍ୟଙ୍କ ମଧ୍ୟରୁ ୨୦୦ ସଦସ୍ୟଙ୍କର ସମର୍ଥନ ଆବଶ୍ୟକ ରହିଥିଲା। ବିରୋଧି ଦଳଙ୍କ ପାଖରେ ୧୯୨ଟି ସମର୍ଥନ ରହିଥିଲେ ମଧ୍ୟ ୨୦୦ ମ୍ୟାଜିକ୍ ସଂଖ୍ୟାରେ ପହଞ୍ଚିପାରୁନଥିଲେ। ଫଳରେ ବିନା ବାଲଟ୍ ଗଣତିରେ ଏହି ପ୍ରସ୍ତାବକୁ ରଦ୍ଦ କରାଯାଇଥିଲା। ସୂଚନାଯୋଗ୍ୟ ଗତ ମଙ୍ଗଳବାର ରାତିରେ ରାଷ୍ଟ୍ରପତି ୟୁନ୍ ଜରୁରୀକାଳୀନ ସାମରିକ ଆଇନ ଘୋଷଣା କରିଥିଲେ। ତେବେ ବିରୋଧି ନିୟନ୍ତ୍ରିତ ସଂସଦ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ଭୋଟ୍ ଦେବାର କିଛି ସମୟ ପରେ ରାଷ୍ଟ୍ରପତି ଏହି ଘୋଷଣାକୁ ପ୍ରତ୍ୟାହୃତ କରିଥିଲେ। ମହାଭିଯୋଗ ପ୍ରସ୍ତାବ ଉପରେ ଭୋଟଦାନ ପୂର୍ବରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରପତି ୟୁନ୍ ସାର୍ବଜନୀନ କ୍ଷମାପ୍ରାର୍ଥନା କରିବା ସହ ଏଭଳି ଆଦେଶ ଆଉ ପ୍ରଦାନ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଘାନାରେ ମତଦାନ

ଘାନାରେ ରାଷ୍ଟ୍ରପତି ପଦ ଏବଂ ସଂସଦୀୟ ନିର୍ବାଚନ ପାଇଁ ମତଦାନ ଚାଲିଛି। ଭାରତୀୟ ସମୟ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଜାରି ରହିବ ବୋଲି ଜଣାପଡିଛି। ଆସନ୍ତାକାଲି ପୂର୍ବାହ୍ନ ସୁଦ୍ଧା

ପ୍ରାରମ୍ଭିକ ଫଳାଫଳ ପ୍ରକାଶ ପାଇବା ନେଇ ଆଶା କରାଯାଉଛି। ପ୍ରଥମ ଆନୁଷ୍ଠାନିକ ଫଳାଫଳ ଆସନ୍ତା ମଙ୍ଗଳବାର ସୁଦ୍ଧା ଜଣାପଡିବ। ପଶ୍ଚିମ ଆଫ୍ରିକାର ଏହି ଦେଶରେ ପ୍ରାୟ ୧୮ ଦଶମିକ ୭ ନିୟୁତ ପଞ୍ଜିକୃତ ଭୋଟର ଅଛନ୍ତି। ଘାନା ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରପତି ନାନା ଆକୁଫୋ ଆଡ୍ଡୋ ନିଜର ୨ଟି କାର୍ଯ୍ୟକାଳ ପୂରଣ କରିବା ପରେ ଆସନ୍ତା ମାସରେ ଇସ୍ତଫା ପ୍ରଦାନ କରିବେ। ରାଷ୍ଟ୍ରପତି ପଦ ପାଇଁ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଘାନାର ଅର୍ଥନୈତିକ ସଙ୍କଟ, ମୁଦ୍ରାସ୍ଫୀତି ଏବଂ ବେକାରୀ ସମସ୍ୟାର ପ୍ରଭାବ ମତଦାନର ଫଳାଫଳ ଉପରେ ପଡ଼ିପାରେ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

## ପିଏମ୍ ଆର୍ମଡ୍ ଫୋର୍ସ ଫ୍ଲାଗ୍ ଡେ

ସଶସ୍ତ୍ର ବାହିନୀ ପତାକା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯବାନଙ୍କ ବୀରତ୍ୱ, ସଂକଳ୍ପ ଏବଂ ବଳିଦାନକୁ ଉଚ୍ଚପ୍ରଶଂସା କରିଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି ଯବାନଙ୍କ ସାହସିକତା ସମସ୍ତଙ୍କୁ ପ୍ରେରଣା ଦେଇଥାଏ। ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିରେ ଯୋଗଦାନ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ ୧୯୪୯ ମସିହାରୁ ପ୍ରତିବର୍ଷ ଡିସେମ୍ବର ୭ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି।

## ଜୟଶଙ୍କର

ଆଞ୍ଚଳିକ ଅସ୍ଥିରତା ଭାରତ ଏବଂ ବୈଶ୍ୱିକ ସ୍ୱାର୍ଥ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପକାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି। ଦୋହା ଫୋରମ୍ ୨୦୨୪ରେ ଆଜି 'ନୂଆ ଯୁଗରେ ସଂଘର୍ଷ ମଧ୍ୟସ୍ଥତା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ଦୂରରେ ରହୁଥିଲେ ମଧ୍ୟ ସଂଘର୍ଷର ପ୍ରଭାବ ଭାରତର ଅର୍ଥନୀତି ଏବଂ ନିରାପତ୍ତା ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଛନ୍ତି। ୟୁକ୍ରେନ୍ ସଂଘର୍ଷ ପ୍ରସଙ୍ଗରେ ଭାରତର କୂଟନୈତିକ ପ୍ରୟାସ ଉପରେ ଡକ୍ଟର ଜୟଶଙ୍କର ଆଲୋକପାତ କରିଛନ୍ତି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଉପରେ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଦେଶର ସାଢ଼େ ୪ ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି।

## କ୍ରିକେଟ୍-ଟେଷ୍ଟ

ଆଡିଲେଡ୍‌ର ଓଭାଲ ଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ

ତା'ର ଦ୍ୱିତୀୟ ଇନିଂସରେ ୫ ୱିକେଟ୍ ବିନିମୟରେ ୧୨୮ ରନ୍ ସଂଗ୍ରହ କରିଛି। ଋଷଭ୍ ପନ୍ଥ ୨୮ ରନ୍ ଏବଂ ନିତିଶ କୁମାର ରେଡ୍ଡୀ ୧୫ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ଭାରତ ଏବେ ମଧ୍ୟ ୨୯ ରନ୍ ପଛୁଆ ରହିଛି। ପୂର୍ବରୁ ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ୧୪୧ ବଲ୍‌ରେ ୧୪୦ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ଯଶ୍‌ପ୍ରୀତ ବୁମ୍‌ରା ଏବଂ ମହମ୍ମଦ ସିରାଜ ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିବାବେଳେ ନିତିଶ ରେଡ୍ଡୀ, ରବିଚନ୍ଦ୍ରନ୍ ଅଶ୍ୱିନ୍ ଗୋଟାଏ ଲେଖାଏଁ ୱିକେଟ ନେଇଥିଲେ।

ଅଷ୍ଟ୍ରେଲିଆ ଆଜି ତା'ର ବ୍ୟାଟିଂ ଗତକାଲିର ସ୍କୋର୍ ୧ ୱିକେଟ୍‌ରେ ୮୬ ରନ୍‌ରୁ ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ, ଭାରତ ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା । ମିଚେଲ୍ ଷ୍ଟାର୍କ ୬ଟି ୱିକେଟ୍ ଅକ୍ତିଆର କରିଥିଲେ ।

ଏହି ୫ ଟିକିଆ ସିରିଜ୍‌ର ପ୍ରଥମ ପର୍ଥ ଟେଷ୍ଟ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୯୫ ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଆଗୁଆ ରହିଛି ।

**ହକି**

ଜୁନିଅର ମହିଳା ହକି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଓମାନ୍‌ର ମସ୍କାଟ୍ ଠାରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଉଛନ୍ତି। ଏଫ୍‌ଆଇଏଚ୍ ଜୁନିଅର ବିଶ୍ୱକପ୍ ୨୦୨୫ ଲାଗି ଏହା ହେଉଛି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ଶୀର୍ଷ ୫ଟି ଦଳ ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟ ବିବେଚିତ ହେବେ। ପୁଲ୍-ଏ ରେ ଭାରତ ସମେତ ଚୀନ୍, ମ୍ୟାଲେସିଆ, ଥାଇଲ୍ୟାଣ୍ଡ ଓ ବାଂଲାଦେଶ ରହିଥିବା ବେଳେ ପୁଲ୍-ବି ରେ ଦକ୍ଷିଣକୋରିଆ, ଜାପାନ, ହଂକଂ, ଶ୍ରୀଲଙ୍କା ଓ ତାଇପେଇ ସ୍ଥାନ ପାଇଛନ୍ତି। ଜ୍ୟୋତି ସିଂଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି।

ଆଜି ଗ୍ରୁପ୍ 'ଏ'ର ଏକ ମ୍ୟାଚ୍‌ରେ ଚୀନ୍ ବାଂଲାଦେଶକୁ ୧୯-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ମାଲେସିଆ ଥାଇଲାଣ୍ଡକୁ ୩-୦ ଗୋଲରେ ପରାସ୍ତ କରିଛି। ଆସନ୍ତାକାଲି ଭାରତ ଏହାର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବ। ଆସନ୍ତା ୧୫ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।